# ତାରା-ସୂର୍ଯ୍ୟ

**ଗଙ୍ଗାଧର ମେହେର**

## କବି ପରିଚୟ

**ଗଙ୍ଗାଧର ମେହେର:** ସ୍ୱଭାବକବି ଗଙ୍ଗାଧର ମେହେର ବରଗଡ଼ ଜିଲ୍ଲା ବରପାଲି ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ଓଡ଼ିଆ ସାହିତ୍ୟର ଆଧୁନିକଯୁଗ ଆରମ୍ଭରେ ଭାରତୀୟ ପ୍ରାଚୀନ ସାହିତ୍ୟରୁ ଆଦର୍ଶଭିତ୍ତିକ ଚରିତ୍ର ଓ କାହାଣୀ ସଂଗ୍ରହ କରି ତାହାକୁ ସେ ନୂତନ ଭାବରେ ଉପସ୍ଥାପନ କରିଥିଲେ । ଆମ ଚାରିପାଖରେ ଥିବା ପ୍ରକୃତିକୁ ଜୀବନ୍ତ ଭାବରେ ବର୍ଣ୍ଣନା କରି ସେ ଅନନ୍ୟ ପ୍ରତିଭାର ଉଦାହରଣ ସୃଷ୍ଟି କରିଛନ୍ତି । ସେଥିପାଇଁ ତାଙ୍କୁ ପ୍ରକୃତି କବି ବୋଲି କୁହାଯାଏ । ତପସ୍ୱିନୀ, ଇନ୍ଦୁମତୀ, ପ୍ରଣୟବଲ୍ଲରୀ, କୀଚକବଧ ଆଦି କାବ୍ୟ ଏବଂ କୃଷକ ସଂଗୀତ, ଅର୍ଘ୍ୟଥାଳୀ, କବିତା କଲ୍ଲୋଳ ଇତ୍ୟାଦି କ୍ଷୁଦ୍ର କବିତା ସଂକଳନ ତାଙ୍କ ମହାନ କବିତ୍ୱର ପରିଚୟ ବହନ କରେ । ମାତୃଭାଷା ଓ ମାତୃଭୂମିକୁ ଭଲ ପାଉଥିବା ଏହି କବି ଆଧୁନିକ କାଳର ଉଚ୍ଚ ଶିକ୍ଷା ପାଇ ନଥିଲେ ମଧ ତାଙ୍କ ରଚନାଗୁଡ଼ିକ କାଳକାଳ ଧରି ଆମକୁ ଉନ୍ନତ ଶିକ୍ଷା ପ୍ରଦାନ କରୁଛି । 'ତାରା-ସୂର୍ଯ୍ୟ' କବିତାଟି 'ଅର୍ଘ୍ୟଥାଳୀ' କବିତା ସଂକଳନରୁ ଆନୀତ । ଏଥିରେ କବି ବିଦେଶୀ ଶାସନକୁ ଲକ୍ଷ୍ୟ କରି 'ଆମ-ସୂର୍ଯ୍ୟ ଆମ ପାଇଁ ସବୁଠୁ ଉଜ୍ଜ୍ୱଳ' ବୋଲି ସ୍ୱାଭିମାନର ବାର୍ତ୍ତା ପ୍ରଦାନ କରିଛନ୍ତି ।

ହେ ତାରକାଗଣ, କିମ୍ବା ଦିଶ ସାନସାନ,
ତୁମେ ପରା ଅଛ କେତେ ରବି-ରଶ୍ମିମାନ ?

ଦିବସେ ନ ଦିଶି କିମ୍ବା ରଜନୀରେ ଦିଶ,
ପ୍ରଭାକର ହୋଇ ତୁମ୍ଭ ମନେ ଭୟ କିସ ?

ଜାଣିଲି ଜାଣିଲି ତୁମେ ସୂର୍ଯ୍ୟ ଅଟ ସତ,
ଆଲୋକିତ କରୁଅଛ ନିଜର ଜଗତ ।

ଆମ୍ଭ ଭାସ୍କରକୁ ତୁମ୍ଭ ରାଜ୍ୟଲୋକ ସାରା,
ବୋଲୁଛନ୍ତି ଗଗନର କ୍ଷୁଦ୍ର ଏକ ତାରା ।

ତୁମ୍ଭ ରାଜ୍ୟେ ତୁମ୍ଭ ଆଗେ ଆମ୍ଭର ଭାସ୍କର,
ନ ଦିଶନ୍ତି ତେଣୁ ଦିନେ ନ ହୁଅ ଭାସ୍ୱର ।

ଯାହାକୁ ଯେମନ୍ତ ଦିଶେ ତେମନ୍ତ ସେ ଭାଷେ,
ସେ କଥାରେ ମହତଙ୍କ କି ଯାଏ କି ଆସେ ?

ତୁମ୍ଭ ରାଜ୍ୟେ ଦିଅ ତୁମ୍ଭେ ପ୍ରଚୁର କିରଣ,
ତେଣୁ ସେହିଠାରେ ଥିବ ତୁମ୍ଭ ରବିପଣ ।

ଆମ୍ଭ ରାଜ୍ୟେ ଆମ୍ଭ ରବି କରେ ତମ କ୍ଷୟ,
ଏଣୁ ଆମ୍ଭେ ଚାହୁଁଥାଉଁ ତାଙ୍କର ଉଦୟ ।

ତୁମ୍ଭେ ଯେତେ ବଡ଼ ହେଲେ ଆମ୍ଭର କି ଲାଭ,
ଆମ୍ଭ ତମ ନାଶିବାକୁ ନାହିଁ ତ ପ୍ରଭାବ ।

ଯେ ଯାହାର ହିତ କରେ ନ ନେଲେ ତା' ନାମ,
ଆମ୍ଭ ଦେଶେ କହୁଁ ତାକୁ ନିମକହାରାମ ।

**ସୂଚନା :**

| | |
|---|---|
| ରବିରଶ୍ମି – ସୂର୍ଯ୍ୟ କିରଣ | ପ୍ରଭାକର – ସୂର୍ଯ୍ୟ |
| ରଜନୀ – ରାତି | ଭାସ୍ୱର – ଉଜ୍ଜ୍ୱଳ |
| ଯେମନ୍ତ – ଯେପରି | ଭାଷେ – କହେ |
| ତମ – ଅନ୍ଧକାର | ନିମକହାରାମ – କୃତଘ୍ନ, ଅକୃତଜ୍ଞ |

## ଅଭ୍ୟାସ

୧. **ଉତ୍ତର କୁହ ।**

(କ) କେଉଁମାନଙ୍କୁ ରବି ପରି ରଶ୍ମିମାନ୍ ବୋଲି କବି କହିଛନ୍ତି ?

(ଖ) ସେମାନଙ୍କ ମନରେ ଭୟ ଅଛି ବୋଲି କବି କାହିଁକି ଉପଲବ୍ଧି କରିଛନ୍ତି ?

(ଗ) ଆମ୍ଭ ଭାସ୍କର କାହାକୁ ଲକ୍ଷ୍ୟ କରି କୁହାଯାଇଛି ?

(ଘ) ଆମ୍ଭ ଭାସ୍କରଙ୍କୁ ଅନ୍ୟମାନେ କାହିଁକି କ୍ଷୁଦ୍ର ତାରା ବୋଲି କହନ୍ତି ?

(ଙ) 'ଆମ୍ଭେ ଚାହୁଁଥାଉ ତାଙ୍କର ଉଦୟ' – କିଏ କାହାର ଉଦୟ ଚାହୁଁଛନ୍ତି ?

୨. **ଦୁଇଟି ବା ତିନୋଟି ବାକ୍ୟରେ ଉତ୍ତର ଲେଖ ।**

(କ) ତାରାଗଣ କେବଳ ନିଜର ଜଗତକୁ ଆଲୋକିତ କରିଛନ୍ତି – ଏଥିରୁ କେଉଁ ଭାବ ପ୍ରକାଶ ପାଇଛି ?

(ଖ) ଆମ ଭାସ୍କରଙ୍କୁ ତାରାରାଜ୍ୟର ଲୋକମାନେ ଏକ କ୍ଷୁଦ୍ରତାରା ବୋଲି କହୁଥିବାରୁ କବିଙ୍କ ମନରେ କେଉଁ ଭାବ ଉଦ୍ରେକ ହୋଇଛି ?

(ଗ) ତାରାମାନଙ୍କ ରାଜ୍ୟରେ ଆମ ସୂର୍ଯ୍ୟ କାହିଁକି ଦେଖାଯାଆନ୍ତି ନାହିଁ ?

(ଘ) କେଉଁ କଥାରେ ମହତଜନମାନେ ବିବ୍ରତ ହୋଇ ନଥାନ୍ତି ?

(ଙ) ତାରାମାନଙ୍କର ରବିପଣ କେବଳ ସେଇମାନଙ୍କର ରାଜ୍ୟରେ ସୀମିତ ବୋଲି କୁହାଯାଇଛି କାହିଁକି ?

**୩. ପ୍ରସଙ୍ଗ ସହ ସରଳାର୍ଥ ଲେଖ ।**

(କ) ଯାହାକୁ ଯେମନ୍ତ ଦିଶେ ତେମନ୍ତ ସେ ଭାଷେ ।

(ଖ) ଯେ ଯାହାର ହିତ କରେ ନ ନେଲେ ତା' ନାମ
ଆମ୍ଭ ଦେଶେ କହୁଁ ତାକୁ ନିମକହାରାମ ।

**୪. ଦିଆଯାଇଥିବା ଶବ୍ଦଗୁଡ଼ିକର ଦୁଇଟି ଲେଖାଏଁ ପ୍ରତିଶବ୍ଦ ଲେଖ ।**

ରଜନୀ, ଭାସ୍କର, ଗଗନ, ତମ, ତାରା

**୫. ବିପରୀତ ଅର୍ଥବୋଧକ ଶବ୍ଦ ଲେଖ ।**

ଲାଭ, କ୍ଷୟ, ଉଦୟ, ହିତ, ପ୍ରଚୁର, ମହତ, କ୍ଷୁଦ୍ର, ଆଲୋକ

**୬. ତଳେ ଦିଆଯାଇଥିବା ଶବ୍ଦଗୁଡ଼ିକୁ ପୁରୁଷ ଭେଦରେ ସଜାଇ ଲେଖ ।**

ସେ, ତାରା, ତୁମ୍ଭେ, ରବି, ଆମ୍ଭ, ତୁମ୍ଭ

(ପ୍ରଥମ ପୁରୁଷ, ଦ୍ୱିତୀୟ ପୁରୁଷ, ତୃତୀୟ ପୁରୁଷ)

**୭. ୧୦୦ ରୁ ୧୫୦ ଶବ୍ଦ ମଧ୍ୟରେ ଉତ୍ତର ଲେଖ ।**

(କ) ତାରା ଓ ସୂର୍ଯ୍ୟଙ୍କ ମଧ୍ୟରେ କବି କାହାକୁ ଶ୍ରେଷ୍ଠତ୍ୱ ପ୍ରଦାନ କରିଛନ୍ତି ?

(ଖ) କବି ନିଜର ଅଭିମାନକୁ କିପରି ପ୍ରକାଶ କରିଛନ୍ତି ?

(ଗ) ତାରା-ସୂର୍ଯ୍ୟ କବିତାର ଭାବ ଆମକୁ ଏକ ମହାଶିକ୍ଷା ପ୍ରଦାନ କରେ କିପରି ?

## ତୁମ ପାଇଁ କାମ



- ଗଙ୍ଗାଧର ମେହେରଙ୍କର 'ତାରା-ସୂର୍ଯ୍ୟ' ପରି ଅନ୍ୟ କେତୋଟି କବିତା ସଂଗ୍ରହ କରି ପଢ଼ ।
- ତାରା ଓ ସୂର୍ଯ୍ୟଙ୍କୁ ନେଇ ଅନ୍ୟ କୌଣସି କବିଙ୍କର କେତୋଟି କବିତା ପଢ଼ି ସେଗୁଡ଼ିକର ସାରକଥା ଲେଖ ।